ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1416/09-03-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୦୯ ମାର୍ଚ୍ଚ,୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଭାରତର ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ଉତ୍ସବ ପାଳନ ନିମନ୍ତେ ଏକତ୍ର ହେବା ଓ ଆଲୋଚନା କରିବା ଆମ ସମସ୍ତଙ୍କ ପାଇଁ ଗୌରବର ମୁହୂର୍ତ୍ତ ବୋଲି ପ୍ରକାଶ କରିଛନ୍ତି । ସେ ଏପରି ଉଦ୍ୟମ ଆରମ୍ଭ କରିଥିବାରୁ ଭାରତ ସରକାର ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମୟର ଗତି ସହିତ ଆମ ସ୍ୱାଧୀନତା ସଂଗ୍ରାମର ଉଲ୍ଲେଖନୀୟ ଘଟଣାଗୁଡ଼ିକର ଉପସ୍ଥାପନ ଏବଂ ଏଥି ସହିତ ସଂପୃକ୍ତ ସ୍ଥାନଗୁଡ଼ିକୁ ବିକଶିତ କରି ଯୁବପିଢ଼ିଙ୍କୁ ଆମ ପୂର୍ବସୂରୀମାନଙ୍କ ବଳିଦାନ ସଂପର୍କରେ ଅବଗତ କରାଇବାର ଆବଶ୍ୟକତା ରହିଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମକୁ ଅଳ୍ପ ଜଣାଶୁଣା ନେତାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀ ସହ ସର୍ବଭାରତୀୟ ସ୍ତରୀୟ ଆନ୍ଦୋଳନର ଦୃଶ୍ୟକୁ ପ୍ରମୁଖତା ଦେବାର ଆବଶ୍ୟକତା ରହିଛି । ଭାରତର ସୀମା ବାହାରେ ସଂଘଟିତ ବିଭିନ୍ନ ଘଟଣାକୁ ମଧ୍ୟ ସ୍ଥାନିତ କରାଯିବା ଜରୁରୀ ବୋଲି ସେ ମତପ୍ରକାଶ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ଭାରତର ସମ୍ବିଧାନରେ ଲିପିବଦ୍ଧ ସ୍ୱାଧୀନତା ସଂଗ୍ରାମର ମର୍ମବାଣୀ ଓ ମୂଲ୍ୟବୋଧକୁ କାୟମନୋବାକ୍ୟରେ ଆଗେଇ ନେଇପାରିଲେ ତାହା ହିଁ  ଆମ ଜାତିର ଜନକଙ୍କ ପ୍ରତି ମହାନ ଶ୍ରଦ୍ଧାଞ୍ଜଳି ହୋଇପାରିବ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜିର ପରିସ୍ଥିତିରେ ସ୍ୱାଧୀନତା ସଂଗ୍ରାମ ଦ୍ୱାରା ସଂଜ୍ଞାୟିତ ମୁକ୍ତି, ନ୍ୟାୟ ଓ ସାମ୍ୟର ଆଦର୍ଶଗୁଡ଼ିକର ପୁନରାବୃତ୍ତିର ଆବଶ୍ୟକତା ରହିଛି । ପୃଥିବୀର ଯେକୌଣସି ସ୍ଥାନରେ ରହିଥିବା ପ୍ରତ୍ୟେକ ଭାରତୀୟକୁ ସ୍ୱାଧୀନତା ଉତ୍ସବ ପାଳନ କାର୍ଯ୍ୟକ୍ରମରେ ସଂପୃକ୍ତ କରିବା ନିମନ୍ତେ ସବୁପ୍ରକାର ଉଦ୍ୟାମ ହେବା ଉଚିତ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ବୈଷୟକ ଜ୍ଞାନକୌଶଳ ଏବଂ ସାମାଜିକ ଗଣମାଧ୍ୟମ ଜରିଆରେ ଏହା ସଂପୂର୍ଣ୍ଣ ସମ୍ଭବ ହୋଇପାରିବ । ଗାନ୍ଧୀଜୀଙ୍କ ବାଣୀ 'ଅନ୍ୟମାନଙ୍କ ସେବାରେ ତୁମେ ନିଜକୁ ହଜାଇଦେବା ହିଁ ଆପଣାକୁ ଖୋଜି ପାଇବାର ଶ୍ରେଷ୍ଠ ପଥ'କୁ ଉଦ୍ଧାର କରି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି

ଯେ ବିଶେଷ କରି ଯୁବକମାନଙ୍କ ନିମନ୍ତେ ଗୋଷ୍ଠୀଗତ ସେବାକୁ ପ୍ରୋତ୍ସାହିତ କରିବା ଭଳି ସେବାମୂଳକ କାର୍ଯ୍ୟକଳାପଗୁଡ଼ିକୁ ଉତ୍ସବ ପାଳନ କାର୍ଯ୍ୟକ୍ରମର ଅଂଶ ଭାବରେ ଗ୍ରହଣ କରାଯିବା ଉଚିତ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କୋଲାକାତାରେ ସଂଘଟିତ ଅଗ୍ନିକାଣ୍ଡରେ ଜୀବନହାନି ନେଇ ଗଭୀର ଦୁଃଖପ୍ରକାଶ କରିଛନ୍ତି । ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ଉଦ୍ଦେଶ୍ୟରେ ନିଜ ଭାବନା ଓ ପ୍ରାର୍ଥନା ପ୍ରକଟ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଚିକିତ୍ସାଧୀନ ଥିବା ବ୍ୟକ୍ତିମାନଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଆଇଆଇଟି-ଜେଇଇ ମେନ୍ ପରୀକ୍ଷାରେ ଓଡ଼ିଶା ଟପ୍ପର ହୋଇଥିବା ଗୌତମ ଦାସ ଏବଂ ସଫଳତା ହାସଲ କରିଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଆଗାମୀ ଦିନରେ ସମସ୍ତଙ୍କର ଆହୁରି ସଫଳତା ଏବଂ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୮୫,୧୨,୨୩୨ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୭,୮୬୦ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୫, ୧୬୮ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୧୭ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୭୨୨ ରହିଛି ।
- ୭୨୨ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

‘ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ’